# ଓଡ଼ିଶା ସରକାର
## ପର୍ଯ୍ୟଟନ ଓ ସଂସ୍କୃତି (ସଂସ୍କୃତି) ବିଭାଗ
## ଭୁବନେଶ୍ୱର

***

ପତ୍ର ସଂଖ୍ୟା ୯୬୨୯ /ସଂ.ବି, ତା. ୧୧.୧୨.୧୩

## ନିୟମାବଳୀ

**ପାରମ୍ପରିକ ଲୋକକଳା ଦଳ ଏବଂ ଜିଲ୍ଲା କଳା ସଂସ୍କୃତି ସଂଘ ଓ ବ୍ଲକକଳା ସଂସ୍କୃତି ସଂଘ ମାଧ୍ୟମରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଓ ଜାତୀୟ ଭୋଟର ଦିବସ (୨୫ ଜାନୁୟାରୀ ୨୦୧୪) ଉପଲକ୍ଷେ ଜିଲ୍ଲା ସ୍ତରରେ ପୋଷ୍ଟର ଓ ରଙ୍ଗୋଲି ପ୍ରତିଯୋଗିତା ।**

---

ଗୃହ (ନିର୍ବାଚନ) ବିଭାଗ ଙ୍କର ଚିଠି ସଂଖ୍ୟା. ୯୭୩୯ ତା. ୬.୧୨.୧୩ ଅନୁସାରେ ପାରମ୍ପରିକ ଲୋକ କଳା ଦଳ ଏବଂ ଜିଲ୍ଲା କଳା ସଂସ୍କୃତି ସଂଘ ଏବଂ ବ୍ଲକ କଳା ସଂସ୍କୃତି ସଂଘ ଦ୍ୱାରା ଭୋଟର ମାନଙ୍କର ସମ୍ପୂର୍ଣ୍ଣ ସଚେତନ ପାଇଁ ପୋଷ୍ଟର ଓ ରଙ୍ଗୋଲୀ ପ୍ରତି ଯୋଗିତା ଜିଲ୍ଲା ସ୍ତରରେ ଆୟୋଜକ କରାଯିବ ।

SVEEP ର ଏକ ଅଂଶ ହିସାବରେ ଏବଂ ଗୃହ (ନିର୍ବାଚନ) ବିଭାଗ ଚିଠି ସଂଖ୍ୟା ୯୩୪୩ ତା ୧୬.୧୧.୨୦୧୩ ଅନୁସାରେ ଜିଲ୍ଲା କଳା ସଂସ୍କୃତି ସଂଘ ଏବଂ ବ୍ଲକ କଳା ସଂସ୍କୃତି ସଂଘ ଜରିଆରେ ପୋଷ୍ଟର ଓ ରଙ୍ଗୋଲୀ ପ୍ରତିଯୋଗିତା ଅୟୋଜନ କରାଯିବ ।

<u>ନିୟମାବଳୀ</u>

(୧) ଏହି ପୋଷ୍ଟର ଓ ରଙ୍ଗୋଲୀ ପ୍ରତିଯୋଗିତା ତା ୨୨.୧୨.୨୦୧୩ (ରବିବାର) ଦିନ ଆୟୋଜନ କରାଯିବ ।

(୨) ଜିଲ୍ଲା ସ୍ତରରେ ପ୍ରତିଯୋଗିତାର ସ୍ଥାନ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲାପାଳଙ୍କ ନିଷ୍ପତି କ୍ରମେ କରାଯିବ ।

(୩) ଏହି ପ୍ରତିଯୋଗିତା ଆୟୋଜନ ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀ ବା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ସଂପୂର୍ଣ୍ଣ ସହଯୋଗ କରିବେ ।

(୪) ଏହି ପ୍ରତିଯୋଗୀତାରେ ୧୮ ବର୍ଷରୁ ଉର୍ଦ୍ଧର ଯେ କୌଣସି ବ୍ୟକ୍ତି ଭାଗ ନେଇପାରିବେ ।

(୫) ପ୍ରତିଯୋଗୀତାର ଲୋକ ସଚେତନତା ପାଇଁ ଜିଲ୍ଲା ସ୍ତରରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ । ଏହି ସଚେତନ କାର୍ଯ୍ୟକ୍ରମ ବେଳେ ପ୍ରତିଯୋଗିତାର ସ୍ଥାନ ଓ ସମୟ ନିଶ୍ଚିତ ଉଲେଖ ରହିବ ।

(୬) ପୋଷ୍ଟର ଓ ରଙ୍ଗୋଲୀ ପ୍ରତିଯୋଗିତା ପାଇଁ ଅଂଶଗ୍ରହଣ କାରୀ ମାନେ ନିଜେ ନିଜେ ଆବଶ୍ୟକୀୟ ରଙ୍ଗ, ତୂଳୀ, ପୋଷ୍ଟର ଇତ୍ୟାଦି ନିଜ ସହିତ ନେଇ ଆସିବେ ।

(୭) ପ୍ରତି ଜିଲ୍ଲାରେ ପୋଷ୍ଟର ପ୍ରତିଯୋଗିତାରୁ ୩ ଜଣ ଓ ରଙ୍ଗୋଲୀ ପ୍ରତି ଯୋଗିତାରୁ ୩ ଜଣ ଲେଖାଏଁ ଅତିଭଲ ପ୍ରତିଯୋଗିଙ୍କୁ ବଛାଯାଇ ଜିଲ୍ଲା ସ୍ତରରେ ଜାତୀୟ ଭୋଟର ଦିବସ ତା ୨୫.୦୧.୨୦୧୪ ଦିନ ସମ୍ମାନିତ କରାଯିବ ।

(୮) ପୋଷ୍ଟର ପ୍ରତିଯୋଗିତାରୁ ଅତିଭଲ ୩ ଟି ପୋଷ୍ଟର ରାଜ୍ୟସ୍ତରକୁ ନିର୍ବାଚନ ବିଭାଗକୁ ତା ୩୧.୧୨.୨୦୧୩ ସୁଧା ପ୍ରେରଣା କରାଯିବ, ଯାହା ଜାତୀୟ ଭୋଟର ଦିବସରେ ପ୍ରଦର୍ଶନ କରାଯିବ ।

(୯) ପୋଷ୍ଟର ପ୍ରତିଯୋଗିତାର ଏକ ନମ୍ବର ବିଜେତାଙ୍କୁ ରାଜ୍ୟ ସ୍ତରୀୟ ପୋଷ୍ଟର ପ୍ରତିଯୋଗିତା ପାଇଁ ତା ୨୪.୦୧.୨୦୧୪ ଦିନ ଭୁବନେଶ୍ୱର କୁ ପଠାଯିବ । ଏହି ଗସ୍ତ ଖର୍ଚ୍ଚ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲାପାଳ ବହନ କରିବେ ।

(୧୦) ଜିଲ୍ଲା ସ୍ତରରେ ତା ୨୨.୧୨.୨୦୧୩ ରେ ହେବାକୁ ଥିବା ପୋଷ୍ଟର ଓ ରଙ୍ଗୋଲୀ ପ୍ରତିଯୋଗିତା ପାଇଁ ଖର୍ଚ୍ଚ SVEEP ବା ଜାତୀୟ ଭୋଟର ଦିବସ ପାଳନ ପାଇଁ ଉଦ୍ଦିଷ୍ଟ ଥିବା ପାଣ୍ଠିରୁ ବହନ କରାଯିବ ।

(୧୧) ଜିଲ୍ଲା ସଂସ୍କୃତି ଅଧିକାରୀ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ମାନେ ଏହି ପୋଷ୍ଟର ଓ ରଙ୍ଗୋଲୀ ପ୍ରତିଯୋଗିତାର ଏକ ବିବରଣୀ ନିମ୍ନ ପ୍ରଦତ୍ତ Format ଅନୁସାରେ ନିର୍ଦ୍ଦେଶକ ସଂସ୍କୃତି ବିଭାଗ ଙ୍କ ପାଖକୁ ପଠାଯିବ ।

| Sl.No | District | Date of Competition | No of participants of poster competition. | No of participants in rangoli Competition. | Name of winners in poster competition. 1. 2. 3 | Name of winners in rangoli Competition. 1. 2. 3. |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |

ଆପଣଙ୍କ ବିଶ୍ୱସ୍ତ

ନିର୍ଦ୍ଦେଶକ ସଂସ୍କୃତି ତଥା ଅତିରିକ୍ତ ଶାସନ ସଚିବ

**ଜ୍ଞାପକ ସଂଖ୍ୟା- ୯୬୩୦ /ସଂବି, ତା. ୧୧.୧୨.୧୩**

ଏହାର ଏକକିତା ନକଲ ରାଜ୍ୟର ସମସ୍ତ ଜିଲ୍ଲାପାଳ ମାନଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ଦ୍ଦେଶକ ସଂସ୍କୃତି ତଥା ଅତିରିକ୍ତ ଶାସନ ସଚିବ

**ଜ୍ଞାପକ ସଂଖ୍ୟା- ୯୬୩୧/ସଂବି, ତା ୧୧.୧୨.୧୩**

ଏହାର ଏକକିତା ନକଲ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ଭୁବନେଶ୍ୱର ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା

ନିର୍ଦ୍ଦେଶକ ସଂସ୍କୃତି ତଥା ଅତିରିକ୍ତ ଶାସନ ସଚିବ

**ଜ୍ଞାପକ ସଂଖ୍ୟା- ୯୬୩୨ /ସଂବି, ତା ୧୧.୧୨.୧୩**

ଏହାର ଏକକିତା ନକଲ କମିଶନର ତଥା ଶାସନ ସଚିବ, ସଂସ୍କୃତି ବିଭାଗଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା

ନିର୍ଦ୍ଦେଶକ ସଂସ୍କୃତି ତଥା ଅତିରିକ୍ତ ଶାସନ ସଚିବ

**ଜ୍ଞାପକ ସଂଖ୍ୟା- ୯୬୩୩ /ସଂବି, ତା ୧୧.୧୨.୧୩**

ଏହାର ଏକକିତା ନକଲ ରାଜ୍ୟର ସମସ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ /ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରଙ୍କ ଅବଗତି ଓ ବିହୀତ କାର୍ଯ୍ୟନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ସେମାନେ ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସହିତ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଗୁରୁତ୍ୱ ଦେବେ । କୌଣସି ଜିଲ୍ଲାରେ ଉକ୍ତ କାର୍ଯ୍ୟକ୍ରମର ସହଯୋଗରେ ତ୍ରୁଟି ପରିଲକ୍ଷିତ ହେଲେ ସଂପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀମାନେ ଦାୟୀ ରହିବେ ଓ ସେମାନଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ନିର୍ଦ୍ଦେଶକ ସଂସ୍କୃତି ତଥା ଅତିରିକ୍ତ ଶାସନ ସଚିବ

(8)

# Themes for District Level Competitions

୧. "ମତଦାନ ଅଟେ ଆମ ଅଧିକାର
ଗଣତନ୍ତ୍ର ପାଇଁ ଅତି ଦରକାର"

୨. "ଭୋଟ ଦେବା ଆମେ ଛାତି ଫୁଲେଇ
ଆମେ ଭାରତୀୟ ଗରବେ କହି"

୩. "ସ୍ୱଚ୍ଛ ନିରଙ୍କୁଶ ଆମ ଶାସନ
ନାଗରିକ ମତ ଅଟେ ମୂଲ୍ୟବାନ"

୪. "ଚାକିରି ହୁଡିଲେ ବରଷେ
ଭୋଟର ହୁଡିଲେ ପାଞ୍ଚ ବରଷ"

୫. "ଭୋଟର ହୋଇ ମୁଁ ଗର୍ବିତ
ଭୋଟ ଦେବା ପାଇଁ ସଦା ପ୍ରସ୍ତୁତ"

୬. "ଭୋଟ ଦେବା
ଦେଶ ଗଢିବା"

୭. "ଆପଣଙ୍କ ଅଧିକାର ସାବ୍ୟସ୍ତ କରନ୍ତୁ,
ଭୋଟ ନିଶ୍ଚୟ ଦିଅନ୍ତୁ"
ଭୋଟ ପାଇଁ ପାଞ୍ଚ ମିନିଟ୍ ।

୮. Proud to be Voter
Ready to Vote

xxxxxx